# D.A.V PUBLIC SCHOOLS, BHUBANESWAR
## HALF YEARLY EXAMINATION, 2017-18
## CLASS - VIII
## SUB : LOWER ODIA

**Time: 3hrs** **Maximum Marks: 80**

ସାଧାରଣ ନିର୍ଦ୍ଦେଶାବଳୀ:-

- ନିର୍ଦ୍ଦେଶ ଅନୁସାରେ ସମସ୍ତ ପ୍ରଶ୍ନର ଉତ୍ତର ଲେଖ ।
- ପ୍ରଶ୍ନପତ୍ରର କ୍ରମିକ ସଂଖ୍ୟା ଉତ୍ତର ଖାତାରେ ଠିକ୍ ଭାବରେ ଲେଖ ।
- ଅକ୍ଷର ଗୁଡ଼ିକ ସୁନ୍ଦର ଓ ପରିଷ୍କାର ଭାବରେ ଲେଖ ।
- ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଲେଖିସାରିବା ପରେ ଗୋଟିଏ ଧାଡ଼ି ଛାଡ଼ି ଅନ୍ୟ ଉତ୍ତରଟି ଲେଖିବା ଆରମ୍ଭ କର ।
- ପ୍ରଶ୍ନପତ୍ରରେ ୪ଟି ବିଭାଗରେ ୧୨ଟି ମୁଦ୍ରିତ ପ୍ରଶ୍ନ ରହିଛି ।

### 'କ' ବିଭାଗ

୧. ଅନୁଚ୍ଛେଦଟିକୁ ପଢ଼ି ପ୍ରଶ୍ନ ଗୁଡିକର ଉତ୍ତର ଲେଖ ।

ଭାରତର ପୂର୍ବତନ ରାଷ୍ଟ୍ରପତି, କ୍ଷେପଣାସ୍ତ୍ରର ଜନକ, ବିଶିଷ୍ଟ ବୈଜ୍ଞାନିକ ତଥା ଭାରତରତ୍ନ ଥିଲେ ଡ. ଅବୁଲ ପାକିର ଜୈନୁଲାବୁଦ୍ଦିନ ଅବଦୁଲ୍ କଲାମ୍ । ତାଙ୍କ ପିତାଙ୍କ ନାମ ଥିଲା ଜୈନୁଲାବୁଦ୍ଦିନ ଓ ମାତାଙ୍କ ନାମ ଥିଲା ଆଶିମ୍ମା । ୧୯୩୧ ମସିହା ଅକ୍ଟୋବର ୧୫ ତାରିଖରେ ତାମିଲନାଡୁର ରାମେଶ୍ୱରମ୍‌ଠାରେ ତାଙ୍କର ଜନ୍ମ । ଅଭାବ ହିଁ ବିକାଶର ମାର୍ଗଦର୍ଶକ, ସମୃଦ୍ଧିର ପଥଦ୍ରଷ୍ଟା । ତାହା କଲାମ୍‌ଙ୍କଠାରେ ପିଲାଟି ଦିନରୁ ପ୍ରତିଫଳିତ ହୋଇଥିଲା । ଡ. କଲାମ୍ ଆଦ୍ୟରୁ ବହୁ ପ୍ରତିବନ୍ଧକର ସମ୍ମୁଖୀନ ହୋଇଥିଲେ । ତାଙ୍କ ପିତା ଥିଲେ ଜଣେ ଡଙ୍ଗା ଚାଳକ ଓ ମାତା ଥିଲେ ଗୃହିଣୀ । ପରିବାର ଚଳାଇବା ଯେଉଁଠି ଥିଲା କଷ୍ଟ, ସେଠି ଖବରକାଗଜ ବିକ୍ରିକରି ନିଜେ ପଢ଼ିବା ଓ ବଡ ଭାଇଙ୍କୁ ପଢ଼ାଇବାର ବୋଝ ବୋହିଥିଲେ କଲାମ୍ । ପିଲାଦିନର ଏଭଳି ସାମର୍ଥ୍ୟ ତାଙ୍କୁ କେବଳ କଷ୍ଟସହିଷ୍ଣୁ କରିନଥିଲା, ଅଧିକନ୍ତୁ ପ୍ରତିଟି ପ୍ରତିକୂଳ ପରିସ୍ଥିତିକୁ ଅନୁକୂଳ ଦିଗକୁ ନେଇଯିବାରେ ଯୋଗାଇଥିଲା ଅଫୁରନ୍ତ ପ୍ରେରଣା । ପ୍ରତିଟି ବିଫଳତା ପରେ ସଫଳତା ଯେ ଅବଶ୍ୟମ୍ଭାବୀ, ତାହା କଲାମ୍ ତାଙ୍କ ଜୀବନରେ ପ୍ରମାଣିତ କରିଥିଲେ ।

କ) କାହାର ଜନକ ରୂପେ ଡ. କଲାମ୍ ପରିଚିତ ? (୫ ×୧=୫)

ଖ) ବିକାଶର ମାର୍ଗଦର୍ଶକ କିଏ ?

ଗ) ଡ. କଲାମ୍‌ଙ୍କ ପିତା କ'ଣ ଥିଲେ ?

ଘ) କେଉଁ କାର୍ଯ୍ୟକରି ପିଲାଦିନେ ଡ. କଲାମ୍ ପାଠ ପଢ଼ିଥିଲେ ?

ଙ) ଡ. କଲାମ୍ ତାଙ୍କ ଜୀବନରେ କେଉଁ କଥା ପ୍ରମାଣିତ କରିଥିଲେ ?

୨. କବିତାଂଶଟିକୁ ପଢ଼ି ପ୍ରଶ୍ନଗୁଡିକର ଉତ୍ତର ଲେଖ ।

ଥିଲେ ବଡ ବୀର ଲକ୍ଷେ ରାଜାଙ୍କର
ମଉଡ଼ମଣିର ଜାତି,
ପୁରୁଷ ଉତ୍ତମ, ବୀର ଖାରବେଳ
ଅନଙ୍ଗଭୀମ, ଯଯାତି ।
ମହା ମହା ରାଜା ମହା ମହା ରଥୀ
ଥିଲେ ତୋର ବାପା ଜେଜେ,
କିଏ ସରି ହେବ ଗୁଣ ଜ୍ଞାନେ ତାଙ୍କୁ
କିଏ ସରି ହେବ ତେଜେ ।
ଓଡିଆ ବୋଲି ତୁ ମନେ ଗର୍ବ ବହି
ଚାଲରେ ଟେକି ତୋ ମଥା,
ନିତି ମନେ ମନେ ଗୁଣି ହେଉ ଥାଆ
ପୂର୍ବ ପୁରୁଷଙ୍କ କଥା ।
ଭଞ୍ଜ ,ଜଗନ୍ନାଥ, ସାମନ୍ତସିଂହାର
ସାରଳାଦି କବିକୁଳ,
ତୋ’ ପୂର୍ବ ପୁରୁଷ ତାଙ୍କ ସନ୍ତାନ ତୁ
ଏ କଥା ମନୁ ନ ଭୁଲ ।

କ) କେଉଁ ବୀରମାନେ ଲକ୍ଷେ ରାଜାଙ୍କର ମଉଡ଼ମଣି ଥିଲେ ? (୫×୧=୫)

ଖ) ବାପା ଜେଜେ କ’ଣ କ’ଣ ଥିଲେ ବୋଲି ମାଆ ପୁଅକୁ କହିଛି ?

ଗ) ତାଙ୍କର କେଉଁ କଥାକୁ କେହି ସରି ହେବେ ନାହିଁ ବୋଲି ମାଆ ପୁଅକୁ କହିଛି ?

ଘ) ପଦ୍ୟାଂଶରେ ବର୍ଣ୍ଣିତ ଦୁଇଜଣ ପ୍ରସିଦ୍ଧ କବିଙ୍କର ନାମ ଲେଖ ।

ଙ) ଆମେ କେଉଁ କଥାରେ ଗର୍ବ କରି ମଥାଟେକି ଚାଲିବା ?

## ‘ଖ’ ବିଭାଗ

୩. ଯେ କୌଣସି <u>ଗୋଟିଏ</u> ବିଷୟରେ ରଚନା ଲେଖ ! (୧×୮=୮)

ତୁମ ଜୀବନର ଲକ୍ଷ୍ୟ, ଛାତ୍ର ଜୀବନରେ ଶୃଙ୍ଖଳା, ସ୍ୱାଧୀନତା ଦିବସ

୪. ତୁମ ଜନ୍ମଦିନ ଉତ୍ସବକୁ ନିମନ୍ତ୍ରଣ ଜଣାଇ ବନ୍ଧୁଙ୍କ ନିକଟକୁ ପତ୍ର ଲେଖ । (୧×୫=୫)

**କିମ୍ବା**

ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ ଉପଦେଶ ଦେଇ ସାନଭାଇ ନିକଟକୁ ପତ୍ର ଲେଖ ।

## 'ଗ' ବିଭାଗ

୫. ନିର୍ଦ୍ଦେଶ ଅନୁସାରେ ଉତ୍ତର ଲେଖ ।

(କ) ବାକ୍ୟଗଠନ କର । (୪ଟିର) (୪ ×୧=୪)

କୀର୍ତ୍ତି, ମନୋହର, ସଂକଳ୍ପ, ପରାମର୍ଶ, ପୁନରୁଦ୍ଧାର, ମିଥ୍ୟାଚାର

(ଖ) ବିପରୀତାର୍ଥବୋଧକ ଶବ୍ଦ ଲେଖ । (୪ଟିର) (୪×୧=୪)

ପ୍ରାଚୀନ, ସନ୍ତୁଷ୍ଟ, ଅନୁରାଗ, ଦୁଃଖ, ସିଧା, ଅଳସୁଆ

(ଗ) ଲିଙ୍ଗ ପରିବର୍ତ୍ତନ କର । (୪ଟିର) (୪×୧=୪)

ଗୋସିବାପ, ଦାଦି, ବୀର, ବୃଦ୍ଧ, କୁମାର, ରାଜା

(ଘ) ଶବ୍ଦାର୍ଥ ଲେଖ । (୪ଟିର) (୪×୧=୪)

ଶ୍ୱାପଦ, ରୋଧିଛନ୍ତି, ରବୟା, ଅସରପି,ଦୁର୍ମତି, ଯମଜ

(ଙ) ସମୋଚ୍ଚାରିତ ଶବ୍ଦଗୁଡିକର ଭିନ୍ନ ଭିନ୍ନ ଅର୍ଥ ଲେଖ । (୩ ଯୋ( (୩ ×୧=୩)

ବର-ବର, ଶ୍ରୁତି-ଶ୍ରୁତି, ବେଶି-ବେଶୀ, ଶତ-ସତ, ବାସି-ବାସୀ

(ଚ) ଗଦ୍ୟରୂପ ଲେଖ । (୩ଟିର) (୩ ×୧=୩)

କୀରତି, ହରଷ, କଉତୁକ, ନିରିମଳ, ସରଗ

## 'ଘ' ବିଭାଗ

୬. ସପ୍ରସଙ୍ଗ ସରଳାର୍ଥ ଲେଖ । (୧×୫=୫)

ସତୀ ସୀତାଙ୍କର ନୟନବାରି କାଳାନଳ ପ୍ରାୟ ଲଙ୍କାପୁରୀକୁ ଭସ୍ମ କରିଦେଲା ।

କିମ୍ବା

ତାଙ୍କୁ ସନ୍ନ୍ୟାସୀ କୁହାଯିବ ନାହିଁ ତ ଆଉ କାହାକୁ କୁହାଯିବ ?

୭. ସଂକ୍ଷେପରେ ଉତ୍ତର ଲେଖ । (୩ ଟିର) (୩ ×୨=୬)

କ) ଦଶରଥ କେଉଁ ପରିସ୍ଥିତିରେ ପ୍ରାଣତ୍ୟାଗ କଲେ ?

ଖ) ସୀତା ବାଲ୍ମୀକି ଆଶ୍ରମରେ କାହିଁକି ଆଶ୍ରୟ ନେଲେ ?

ଗ) ଆଚାର୍ଯ୍ୟଙ୍କର କେଉଁ କେଉଁ ଗୁଣ ତୁମକୁ ଆକର୍ଷଣ କରୁଛି ?

ଘ) ଗଙ୍ଗାମାତା ଚକୁଳିଆ ପଣ୍ଡା ଉପରେ ଦୟାଭାବ ଦେଖାଇଲେ କାହିଁକି ?

ଙ) ଚୋରମାନେ ସିନ୍ଦୁକଟି ଛାଡି ପଳାଇଲେ କାହିଁକି ?

୮. ଠିକ୍ ଉତ୍ତରଟି ବାଛି ଲେଖ । (୪×୧=୪)

କ) ରାମଚନ୍ଦ୍ର କେଉଁ ଯଜ୍ଞ କରିବାକୁ ସଂକଳ୍ପ ନେଲେ ?

(୧) ରାଜସୂୟ (୨) ବିଶ୍ୱଜିତ୍ (୩) ବିଶ୍ୱଶାନ୍ତି (୪) ଅଶ୍ୱମେଧ

ଖ) ଇଞ୍ଜୁଡି କେଉଁ ଜିଲ୍ଲାରେ ଅବସ୍ଥିତ ?

(୧) କଟକ (୨) ପୁରୀ (୩) ବାଲେଶ୍ୱର (୪) ଢେଙ୍କାନାଳ

ଗ) 'ଓଡିଆ ଭାଷାର କୋଣାର୍କ' ବୋଲି କାହାକୁ କୁହାଯାଏ ?

(୧) ପୂର୍ଣ୍ଣଚନ୍ଦ୍ର ଭାଷାକୋଷ (୨) ତରୁଣ ଶବ୍ଦକୋଷ (୩) ବୃହତ୍ ଓଡିଆ ଅଭିଧାନ (୪) ନବ ଅଭିଧାନ

ଘ) ରାମାୟଣ କଥା ବିଷୟଟିର ଲେଖକ କିଏ ?

(୧) ମଧୁସୂଦନ ଦାସ (୨) ମଧୁସୂଦନ ରାଓ (୩) ଗୋପବନ୍ଧୁ ଦାସ (୪) ନୀଳକଣ୍ଠ ଦାସ

୯. ସପ୍ରସଙ୍ଗ ସରଳାର୍ଥ ଲେଖ । (୧×୫=୫)

ନେଲୁ ନାହିଁ କାହିଁ ପାଇଁ ତୋ କଠାଉ ଛତା
ବନେ କଣ୍ଟା ଲାଗି ହୋଏ ମୃଦୁ ପାଦ ଚିନ୍ତା !

କିମ୍ୱା

'ନୁହେଁ ତା' ବିଚିତ୍ର ବାହ୍ୟ ବିଶ୍ୱେ ମାତ୍ର
ପ୍ରତିଫଳେ ନର ନିଜ ହୃଦୟ ।'

୧୦. ସଂକ୍ଷେପରେ ଉତ୍ତର ଲେଖ । (୩ ଟିର) (୩ ×୨=୬)

କ) ଶ୍ରୀକୃଷ୍ଣଙ୍କୁ କଳାମାଣିକ କହିବାର ତାତ୍ପର୍ଯ୍ୟ କ'ଣ ?

ଖ) କବି ଖଣ୍ଡଗିରିକୁ ଦେଖି କାହିଁକି ଚିନ୍ତାମଗ୍ନ ହୋଇ ପଡ଼ିଛନ୍ତି ?

ଗ) ପୁଅକୁ ମାଆ ପ୍ରାଚୀନ ଓଡ଼ିଶା ବିଷୟରେ କହିବାର ଉଦ୍ଦେଶ୍ୟ କ'ଣ ?

ଘ) ଖଣ୍ଡଗିରି ଜନସ୍ମୃତିରୁ କାହିଁକି ଲିଭିଯାଉଛି ?

ଙ) ଓଡ଼ିଆମାନେ ବଡ଼ କାରିଗର ଥିଲେ ବୋଲି କିପରି ଜଣାପଡୁଛି ?

୧୧. ଠିକ୍ ଉତ୍ତରଟି ବାଛି ଲେଖ । (୪×୧=୪)

କ) 'କଳାମାଣିକରେ' ପଦ୍ୟଟି କେଉଁ କାବ୍ୟର ଅଂଶ ବିଶେଷ ?

(୧) ପ୍ରେମକଳା (୨) ରସବତୀ (୩) ବିଦଗ୍ଧ ଚିନ୍ତାମଣି (୪) ସୁଲକ୍ଷଣା

ଖ) କୁନ୍ତଳାକୁମାରୀ ସାବତ କେଉଁ କବି ଭାବେ ପରିଚିତ ?

(୧) ଉତ୍କଳବାଣୀ (୨) ଉତ୍କଳଭାରତୀ (୩) ଉତ୍କଳପୁତ୍ରୀ (୪) ଉତ୍କଳସରସ୍ୱତୀ

ଗ) ଗୋପବନ୍ଧୁ ଦାସ କେଉଁ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ?

(୧) ତମାଣ୍ଡୋ (୨) ସୁଆଣ୍ଡୋ (୩) ଶ୍ରୀରାମଚନ୍ଦ୍ରପୁର (୪) ଚନ୍ଦନପୁର

ଘ) କେଶରୀ ବଂଶର ପ୍ରସିଦ୍ଧ ରାଜା କିଏ ଥିଲେ ?

(୧) ଯଯାତି କେଶରୀ (୨) କପିଳେନ୍ଦ୍ରଦେବ (୩) ପୁରୁଷୋତ୍ତମଦେବ (୪) ଚୋଡ଼ଗଙ୍ଗଦେବ

୧୨. ଯେ କୌଣସି <u>ଗୋଟିଏ</u> ପ୍ରଶ୍ନର ଉତ୍ତର ଲେଖ । (୧×୫=୫)

ଅଳସୁଆ ଅଶେଷ ଦୁଃଖ ପାଏ, ପଠିତ 'ମାଡହାଣ୍ଡି କଥା' ଗଳ୍ପରେ ଏହା କିପରି ପ୍ରତିଫଳିତ ହୋଇଛି, ଦର୍ଶାଅ ।

କିମ୍ୱା

'ମାଡହାଣ୍ଡି କଥା' ଗଳ୍ପରୁ ତୁମେ ଯେଉଁ ନୀତିଶିକ୍ଷା ଲାଭ କଲ, ନିଜ ଭାଷାରେ ଲେଖ ।

******